# ସୈରାତ ଖଣି ତାଲିକା ଗୁଡିକର ପାଇଁ ବିଜ୍ଞପ୍ତି

| କ୍ର. ସଂ ଖ୍ୟା | ସୈରାତ ର ନାମ | ମୌଜାର ନାମ | ଖାତା ସଂଖ୍ୟା | ପ୍ଲଟ | ରକବା | ସର୍ବନିମ୍ନ ମୂଲ୍ୟ | ଅତିରିକ୍ତ ମୂଲ୍ୟ | ବାର୍ଷିକ ସର୍ବନିମ୍ନ ଗେରେଣ୍ଟେଡ ପରିମାଣ | ଅମାନତ ରାଶି | ବ୍ୟାଙ୍କ ଗେରେଣ୍ଟି ଓ IT return |
|---|---|---|---|---|---|---|---|---|---|---|
| 1 | ଦେହେଲି ପଥର ଖୋଦାନ | ଦେହେଲି | 107 | 709 | ଏ1.50 | 130.00 | 5% | 2200 CUM | 14300 | 286000/- |
| 2 | ସାନଗମଡା ପଥର ଖୋଦାନ-A | ସାନଗମଡା | 96 | 3 | ଏ3.00 | 130.00 | 5% | 2000 CUM | 13000 | 260000/- |
| 3 | ସାନଗମଡା ପଥର ଖୋଦାନ-B | ସାନଗମଡା | 96 | 3 | ଏ3.00 | 130.00 | 5% | 4000 CUM | 26000 | 520000/- |
| 4 | ସାଲେମୁଡଗା ପଥର ଖୋଦାନ-B | ସାଲେମୁଡଗା | 40 | 398 | ଏ4.00 | 130.00 | 5% | 1500 CUM | 9750 | 195000/- |
| 5 | ସିନ୍ଧଭାଡି ପଥର ଖୋଦାନ-1 | ସିନ୍ଧଭାଡି | 86 | 85 | ଏ6.04 | 130.00 | 5% | 1350 CUM | 8775 | 175500/- |

ଇଚ୍ଛୁକ ବ୍ୟକ୍ତି ସବିଶେଷ ତଥ୍ୟ **OMMC Rules** 2016 **Form-M** ରେ ପୂରଣ କରି ଏହାର ତିନି କପି ସହ ନିମ୍ନଲିଖିତ ଦଲିଲ ସଂଲଗ୍ନ କରି **Sealed Cover** ରେ ଆବେଦନ କରିବେ , ଯାହା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା 24.11.2020 ପରିବର୍ତ୍ତେ ତା 02.12.2020 ଅପରାହ୍ନ **5.00** ଟା ସୁଦ୍ଧା (ଛୁଟି ଦିନ ବ୍ୟତିତ) **Drop Box** ରେ ଦାଖଲ କରିବେ । ଲଫାପା ଉପରେ ଆବେଦନ କରିଥିବା ଖଣିର ନାମ ଲେଖାଥିବା ଆବଶ୍ୟକ । କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ/ରଦ୍ଦ କରିବାର କ୍ଷମତା ଭାରପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ, ବଲାଙ୍ଗିରଙ୍କର ରହିଛି । ସମସ୍ତ ପ୍ରାପ୍ତ ହୋଇଥିବା ବନ୍ଦ ଲଫାପା ଗୁଡିକ ତା.03.12.2020 ରିଖ ପୂର୍ବାହ୍ନ ଘ 11.00 ଣ୍ଟା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯାଇ ଦରଖାସ୍ତ ଗୁଡିକ ତନଖି କରାଯିବ । ଯଦି ଏହି ସୈରାତ ଉସ୍ ପାଇଁ ଦରଖାସ୍ତ ଆଦୌ ମିଳିନଥିବ ତେବେ ଉକ୍ତ ସୈରାତ ଉସ୍ ର ଲିଜ୍ ଦରଖାସ୍ତ ଦ୍ୱିତୀୟ ଦଫା ପାଇଁ ଗ୍ରହଣ କରିବାର ଶେଷ ତାରିଖ ତା 09.12.2020 ଅଟେ । ଏବଂ ଦରଖାସ୍ତ ଗୁଡିକ ତନଖି ପାଇଁ 10.12.2020 ପୂର୍ବାହ୍ନ ଘ.11.00 ଟା ଓ ତୃତୀୟ ଦଫା ପାଇଁ ଆବେଦନର ଶେଷ ତାରିଖ 17.12.2020 ଓ ତନଖି ପାଇଁ 18.12.2020 ପୂର୍ବାହ୍ନ ଘ.11.00 ଟା ସମୟରେ ଖୋଲାଯାଇ ତନଖି କରାଯିବ । ସମସ୍ତ ଆବେଦନ ଓ ତନଖି କାର୍ଯ୍ୟ ବଙ୍ଗୋମୁଣ୍ଡା ତହସିଲଦାର ଙ୍କ କାର୍ଯ୍ୟାଳୟରେ ସମାପନ କରାଯିବ । ଏବଂ ସର୍ବୋଚ୍ଚ ଦର ଧାର୍ଯ୍ୟକରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲାପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ ।

## ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦଲିଲ/ କାଗଜାତ

୭. ଦରଖାସ୍ତ ଫି ସହାଶେ ଟ. ୧୦୦୦.୦୦ ଙ୍କା ଟ୍ରେଜେରି ଚାଲାନ । **(Head of Account – 0853-Non Ferrous Mining and Metallurgical Industries-102-Mineral Consession Fees, Rents and Royalties)**

୮. ଦରଖାସ୍ତ ନିମନ୍ତେ ସୈରାତ ଉତ୍ସର ନାମ, ତଫସିଲ ଓ ସରହଦର ବିବରଣୀ ।

୯. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ନିୟମ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ଦର୍ଶାଇ ସତ୍ୟପାଠ ଦାଖଲ ।

Scanned with CamScanner

୧୦.ବ୍ୟାଙ୍କ ଗ୍ୟାରେଣ୍ଟି 18 ମାସର କମ୍ ହୋଇନଥିବା ଆବଶ୍ୟକ ।

୧୧.ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟ ଯଥା ବୈଷୟିକ ଜ୍ଞାନ, ଅଭିଜ୍ଞତା, ପାଖରେ ଥିବା ଯନ୍ତ୍ର ସମୁହ ଓ ଆର୍ଥିକ ସ୍ଥିତି ଇତ୍ୟାଦିର ପ୍ରମାଣ ପତ୍ର ।

୧୨.ଆବେଦନକାରୀ ସ୍ତମ୍ଭରେ ଦିଆଯାଇଥିବା ଅମାନତ ରାଶି (EMD) ର ଅର୍ଥକୁ Demand Draft ଆକାରରେ ତହସିଲଦାର,ବଙ୍ଗୋମୁଣ୍ଡାଙ୍କ ସପକ୍ଷରେ ଥାଇ ବନ୍ଦ ଲଫାପାରେ ଦରଖାସ୍ତ ସହିତ ସଂଲଗ୍ନ କରିବା ଆବଶ୍ୟକ ଅଟେ ।

୮ ଚଳିତ ବର୍ଷର GST Clearance Certificate ର ନକଲ ସଂଲଗ୍ନ ଥିବା ଆବଶ୍ୟକ ।

## ସର୍ତ୍ତାବଳୀ

୧୬ ଦରଖାସ୍ତକାରୀ ମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ-୨୦୧୬ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ନିୟମ-2017 ର ପରିସର ଭୁକ୍ତ ରହିବେ ।

୧୭ ଲିଜ୍‌ରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତି ବିଶେଷ, ଲିଜ୍ ପାଇଁ ଦରଖାସ୍ତ ପୂର୍ବରୁ ସୈରାତ ଉତ୍ସ ଗୁଡିକ ପରିଦର୍ଶନ କରି, ପରିଚାଳନା ପାଇଁ ଗମନା ଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ ।

୧୮ ଲିଜ୍ ନେବା ପରେ ସଇରାତ ଚଳାଇବା ସଂପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ, ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୧୯ ଯୋଗ୍ୟ ବିବେଚିତ ହୋଇଥିବା ଦରଖାସ୍ତକାରୀ, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇ ଥିବା ଅମାନତ ରାଶି (EMD)କୁ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଜମାଦେବେ ଏବଂ ଧାର୍ଯ୍ୟ ସମୟସିମା ମଧ୍ୟରେ ମାଇନିଙ୍ଗ ପ୍ଲାନ ଓ ପରିବେଶ ମଞ୍ଜୁରୀ ଦାଖଲ କରିବେ ନଚେତ ଅମାନତ ରାଶି ବ୍ୟାଜ୍ୟପ୍ତ କରାଯିବ ।

୨୦ ମାଇନିଙ୍ଗ ପ୍ଲାନ ଟି Form-ZB ରେ ମାଇନିଙ୍ଗ ଅଧିକାରୀ, ବଲାଙ୍ଗିରଙ୍କ ନିକଟରୁ ଅନୁମୋଦିତ ହେବା ଆବଶ୍ୟକ ତଥା ଭାରତ ସରକାରଙ୍କ ଅଧିସୂଚନା ସଂଖ୍ୟା ୧୫୩୩ ତା.୧୪.୦୯.୨୦୦୬ ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ ପରିବେଶ ମଞ୍ଜୁରୀ ଅନୁମୋଦିତ ହୋଇଥିବା ବିଧେୟ ।

୨୧ ପରିବେଶ ସମ୍ବନ୍ଧୀୟ ଅନୁମତୀ ଲିଜ୍‌ଧାରୀ ନିଜ ଖର୍ଚ୍ଚରେ ହାସଲ କରିବେ ।

୨୨ ପ୍ରାଧୀକୃତ ଅଧିକାରୀ ମାଇନିଙ୍ଗ ପ୍ଲାନରେ ଦର୍ଶାଇଥିବା ଲଘୁ ଖଣିଜ ଉତୋଳନ ପରିମାଣ ତଥା ଲିଜ୍‌ଧାରୀଙ୍କ ଦ୍ୱାରା ଦରଖାସ୍ତରେ ଦର୍ଶାଯାଇଥିବା ରୟାଲିଟିର ମୂଲ୍ୟକୁ ଗୁଣନ କଲେ ଯେଉଁ ପରିମାଣ ଅର୍ଥ ହେବ ଲିଜ୍‌ଧାରୀଙ୍କୁ ଏକକାଳୀନ ପଇଠ କରିବାକୁ ପଡିବ । ସଂପୂର୍ଣ୍ଣ ରାଶି ପଇଠ ହେଲା ପରେ ଲିଜ୍‌ଧାରୀ ୭ (ସାତ ଦିନ ମଧ୍ୟରେ ଓଡିଶା ରେଜିଷ୍ଟ୍ରସନ ଆକ୍ଟ ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୮୯୯ ଅନୁଯାୟୀ ଆବଶ୍ୟକୀୟ ଚୁକ୍ତିନାମା (Agreement)ନିଜ ଖର୍ଚ୍ଚରେ ସଂପାଦନ କରିବେ ।

୨୩ ସର୍ବାଧିକ ରୟାଲିଟି ମୂଲ୍ୟ ଦର୍ଶାଇଥିବା ଦରଖାସ୍ତକାରୀ ଲିଜ୍ ନନେଲେ କିମ୍ବା ସର୍ତ୍ତାବଳୀ ର ଖିଲାପ କରନ୍ତି ତେବେ ତାଙ୍କ ପରବର୍ତି ସର୍ବାଧିକ ରୟାଲିଟି ଦର୍ଶାଇଥିବା ଦରଖାସ୍ତକାରୀଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ ।

୨୪ ଦରଖାସ୍ତକାରୀ ବା ଲିଜ୍‌ଧାରୀ, ଦାଖଲ କରିଥିବା ସମସ୍ତ ରୟାଲିଟି ମୂଲ୍ୟର ଶତକଡା ୫ (ପାଞ୍ଚ) ଭାଗ ଅର୍ଥ ପରିବେଶ ପରିଚାଳନା ପାଣ୍ଠି ବାବଦକୁ ପଇଠ କରିବାକୁ ପଡିବ ।

୨୫ ଉପରୋକ୍ତ ନିୟମ ଧାରା-୨୮ ଅନୁଯାୟୀ ଲିଜ୍‌ଧାରୀଙ୍କୁ ପ୍ରତ୍ୟେକ ବର୍ଷ ଧାର୍ଯ୍ୟ କରାଯାଇଥିବା Dead Rent, Compensatory Afforestation ନିମନ୍ତେ ଫି ଏବଂ Surface Rent ଦାଖଲ କରିବାକୁ ପଡିବ ।

୨୬ ଲିଜ୍‌ଧାରୀଙ୍କୁ ସରକାରଙ୍କ ଦ୍ୱାରା ସମୟାନୁକ୍ରମେ ବର୍ଦ୍ଧିତ ହେଉଥିବା ରୟାଲିଟି/ Dead Rent ଧାର୍ଯ୍ୟ ମୂଲ୍ୟ ଜମା କରିବାକୁ ପଡିବ ।

୨୭ ଲିଜ୍‌ଧାରୀ ଦାଖଲ କରିଥିବା ସମସ୍ତ ରୟାଲିଟି ମୂଲ୍ୟର ଶତକଡା ୨ (ଦୁଇ) ଭାଗ ଅର୍ଥ ଆୟକର ବାବଦକୁ ଜମା କରିବେ ।

୨୮ ବାଲି ନିଲାମଧାରୀ ନଦୀ ଶଯ୍ୟାରେ ୩ (ତିନି) ମିଟର, ଜଳସ୍ତର ର ନିମ୍ନକୁ କିମ୍ବା ଉତ୍ସ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ନିର୍ଦ୍ଧାରିତ ସର୍ତ ବ୍ୟତିକ୍ରମକରି ବାଲି ଉତୋଳନ କରିପାରିବେ ନାହିଁ ।

୨୯ ଆବଶ୍ୟକ ସ୍ଥଳେ ନିୟମ ଅନୁଯାୟୀ ସିକ୍ୟୁରିଟି ବାବଦ ଜମା ରାଶିକୁ ବାଜ୍ୟାପ୍ତି କରିବାର ଅଧିକାର କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

Scanned with CamScanner

୩୦ ସର୍ବୋଚ୍ଚ ଦର ଧାର୍ଯ୍ୟ କରିଥିବା ଦରଖାସ୍ତ କାରୀ ଲିଜ୍ ଯୋଗ୍ୟତା ହାସଲ କରିବା ପରେ ସମପରିମାଣର ବ୍ୟାଙ୍କ ଗ୍ୟେରେଣ୍ଟି ପ୍ରଦାନ କରିବାକୁ ପଡିବ ।

୩୧ ଯଦି ଏହି ବିଜ୍ଞାପନରେ ନିୟମ ଅନୁଯାୟୀ କୌଣସି ତୃଟି ପରିଲକ୍ଷିତ ହୁଏ, ତେବେ ଏହାକୁ ସଂଶୋଧନ ତଥା ପରିବର୍ତ୍ତନ କରିବାର ଅଧିକାର ନିମ୍ନସାକ୍ଷରକାରୀଙ୍କର ରହିଛି ।

17/11/2020

ତହସିଲଦାର,ବଙ୍ଗୋମୁଣ୍ଡା

ଜ୍ଞାପକ ସଂଖ୍ୟା ୧୩୨୪ ତାରିଖ ୧୭.୧୧.୨୦୨୦

ଏହାର ଏକକିତା ନକଲ ଜିଲ୍ଲାପାଳ, ବଲାଙ୍ଗିର/ଉପଜିଲ୍ଲାପାଳ, ଟିଟିଲାଗଡ/ଗୋଷ୍ଠି ଉନ୍ନୟନ ଅଧିକାରୀ, ବଙ୍ଗୋମୁଣ୍ଡା ଭାରପ୍ରାପ୍ତ ଥାନା ଅଧିକାରୀ, ବଙ୍ଗୋମୁଣ୍ଡା /ରାଜସ୍ୱ ନିରୀକ୍ଷକ, ବଙ୍ଗୋମୁଣ୍ଡା /ଚୁଲିଫୁଙ୍କା/ ଭାଲୁମୁଣ୍ଡା /ଝରିଆଲ /ସିନ୍ଧେକେଲା/ ଗନ୍ଧର୍ଲା ସମ୍ପୃକ୍ତ ଗ୍ରାମ/ଗ୍ରାମ ପଂଚାୟତ ଙ୍କ ଅବଗତି ସଙ୍ଗେ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, ବଙ୍ଗୋମୁଣ୍ଡା ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଗଲା ।

17/11/2020.

ତହସିଲଦାର,ବଙ୍ଗୋମୁଣ୍ଡା

ଜ୍ଞାପକ ସଂଖ୍ୟା ୧୩୨୫ ତାରିଖ ୧୭.୧୧.୨୦୨୦

ଏହାର ଏକକିତା ନକଲ **District Informatics Officer, NIC, Balangir** ଙ୍କୁ **http://balangir.nic.in** ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ବଲାଙ୍ଗିରଙ୍କ କାର୍ଯ୍ୟାଳୟକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନୋଟିସ ବୋର୍ଡରେ ପ୍ରକାଶ ନିମନ୍ତେ ପ୍ରେରଣ କରାଗଲା ।

17/11/2020.

ତହସିଲଦାର,ବଙ୍ଗୋମୁଣ୍ଡା

Scanned with CamScanner

# ତହସିଲ କାର୍ଯ୍ୟାଳୟ, ବଙ୍ଗୋମୁଣ୍ଡା, ଜିଲ୍ଲା-ବଲାଙ୍ଗୀର

**ବିଜ୍ଞାପନ ସଂଖ୍ୟା.** ୧୩୨୩ **ତା.** ୧୭.୧୧.୨୦୨୦

**ଲଘୁଖଣିଜ ଦ୍ରବ୍ୟ ଲିଜ୍ ନିମନ୍ତେ**

## ବିଜ୍ଞାପନ

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ବଙ୍ଗୋମୁଣ୍ଡା ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ପଥର ଖୋଦନ ଗୁଡିକ ପାଇଁ ଆସନ୍ତା 5 (ପାଞ୍ଚ) ବର୍ଷ ଅର୍ଥାତ (**From the year 2020-21 to 2024-25**) ଆର୍ଥିକ ବର୍ଷ ନିମନ୍ତେ ଲିଜ ପାଇଁ ନିମ୍ନ ସାରଣୀ ମୁତାବକ ତହସିଲଦାର ବଙ୍ଗୋମୁଣ୍ଡାଙ୍କ ଦ୍ୱାରା ବନ୍ଦ ଲଫାପା ଟେଣ୍ଡର ମାଧ୍ୟମରେ ନିଲାମ କରାଯିବ ।

| କ୍ର. ସଂଖ୍ୟା | ସୈରାତ ଖଣି ର ନାମ | ମୌଜାର ନାମ | ଖାତା ସଂ ଖ୍ୟା | ପ୍ଲଟ | ରକବା | ସର୍ବନିମ୍ନ ମୂଲ୍ୟ ( per CUM) | ଅତିରିକ୍ତ ମୂଲ୍ୟ ( per CUM) | ବାର୍ଷିକ ସର୍ବନିମ୍ନ ଗେରେଣ୍ଟେଡ ପରିମାଣ |
|---|---|---|---|---|---|---|---|---|
| 1 | ଦେହେଲି ପଥର ଖୋଦାନ | ଦେହେଲି | 107 | 709 | ଏ1.50 | 130.00 | 5% | 2200 CUM |
| 2 | ସାନଗମଡା ପଥର ଖୋଦାନ-A | ସାନଗମଡା | 96 | 3 | ଏ3.00 | 130.00 | 5% | 2000 CUM |
| 3 | ସାନଗମଡା ପଥର ଖୋଦାନ-B | ସାନଗମଡା | 96 | 3 | ଏ3.00 | 130.00 | 5% | 4000 CUM |
| 4 | ସାଲେମୁଡଗା ପଥର ଖୋଦାନ-B | ସାଲେମୁଡଗା | 40 | 398 | ଏ4.00 | 130.00 | 5% | 1500 CUM |
| 5 | ସିନ୍ଧଭାଡି ପଥର ଖୋଦାନ-1 | ସିନ୍ଧଭାଡି | 86 | 85 | ଏ6.04 | 130.00 | 5% | 1350 CUM |

ଇଚ୍ଛୁକ ବ୍ୟକ୍ତି ସବିଶେଷ ତଥ୍ୟ **OMMC Rules** 2016 **Form-M** ରେ ପୂରଣ କରି ଏହାର ତିନି କପି ସହ ନିମ୍ନଲିଖିତ ଦଲିଲ ସଂଲଗ୍ନ କରି **Sealed Cover** ରେ ଆବେଦନ କରିବେ , ଯାହା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା 24.11.2020 ଅପରାହ୍ନ 5.00 ଟା ସୁଦ୍ଧା (ଛୁଟି ଦିନ ବ୍ୟତିତ) **Drop Box** ରେ ଦାଖଲ କରିବେ । ଏହି ବିଜ୍ଞାପନ ସମ୍ବନ୍ଧିୟ ସମସ୍ତ ତଥ୍ୟ ବଲାଙ୍ଗିର ଜିଲ୍ଲା **website.http://balangir.nic.in** ଓ କାର୍ଯ୍ୟାଳୟର ନୋଟିସ ବୋର୍ଡ ମାଧ୍ୟମରେ ଜାଣିପାରିବେ ।

17/XI/2020.

ତହସିଲଦାର, ବଙ୍ଗୋମୁଣ୍ଡା

Tahasildar
Bangomunda

**ଜ୍ଞାପକ ସଂଖ୍ୟା**...୧୩୨୮... **ତାରିଖ**...୧୭.୧୧.୨୦୨୦...

ଏହାର ଏକକିତା ନକଲ ସଂପାଦକ,ଦୈନିକ ଓଡିଆ ଖବର କାଗଜ ସମାଜ, ସମ୍ବଲପୁର / ପ୍ରମେୟ ଭୁବନେଶ୍ୱର ଙ୍କ ନିକଟକୁ ଗୋଟିଏ ଦିନ ପାଇଁ ଉପରୋକ୍ତ ବିଜ୍ଞାପନର ପ୍ରକାଶନ ତଥା ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

17/XI/2020.

ତହସିଲଦାର, ବଙ୍ଗୋମୁଣ୍ଡା

Scanned with CamScanner